CHAPTER-1

# ଭୀମଙ୍କ ସିଂଘନାଦ ରଡି

**QUESTION BANK**

**୧. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । (2 x 5 = 10)**

ନବ୍ୟ ଶିକ୍ଷିତ ଲୋକଙ୍କ ମନରେ ଏପରି ବିରାଗ ଭାବ ଜାତ ହେଉଥିବାରୁ ଦେଶର ଶିଳ୍ପ ବାଣିଜ୍ୟର ଉନ୍ନତି ହୋଇପାରୁ ନାହିଁ । ଶିଳ୍ପ, ବାଣିଜ୍ୟ, କୃଷିର ଉନ୍ନତି ନ ହେବାଯାଏ ଦେଶର ଉନ୍ନତି ହୋଇପାରିବ ନାହିଁ । ବିଶ୍ୱବିଦ୍ୟାଳୟ ପ୍ରତ୍ୟାଗତ ଯୁବକ ଦୋକାନ କରିବାକୁ ଘୃଣା କରେ, କୃଷି କରିବାକୁ ଘୃଣା କରେ, ଅନ୍ୟାନ୍ୟ ଶିଳ୍ପକାର୍ଯ୍ୟ କରିବାକୁ ଘୃଣା କରେ, ମନରେ ଭାରି ଅହଙ୍କାର – ମୁଁ ବିଶ୍ୱବିଦ୍ୟାଳୟରୁ ଆସିଛି, ଏ କାର୍ଯ୍ୟଗୁଡ଼ାକ ମୋ ପଦମର୍ଯ୍ୟାଦାର ଉପଯୋଗୀ ନୁହେଁ ! ଆମ୍ଭେ ହାକିମ ହେବା, ଓକିଲ ହେବା, କିରାଣୀ ହେବା, ଚଉକିରେ ବସି ଗୋଡ଼ ହଲାଇବା, କୁଲିଗିରି କାର୍ଯ୍ୟ କରିବା ତ ଆମ୍ଭମାନଙ୍କର କାମ ନୁହେଁ । ଏ ଅହଙ୍କାର ଘେନି ଏମାନେ କେତେ କାଳ ବୁଲିବେ ! କି ନିର୍ବୋଧତା ! ଆପଣାର ଆବଶ୍ୟକ ପଦାର୍ଥ ଆପେ ପ୍ରସ୍ତୁତ କରିପାରିବାକୁ ଯେଉଁ ଜାତି ଶିଖିନାହିଁ, ସେ ଜାତି ପରମୁଖାପେକ୍ଷୀ ହୋଇ କେତେଦିନ ଚଳିବ ! ଗୋଟିଏ ଜାତି ଜୀବନଧାରଣ କରି ରହିବା ଲାଗି ଅର୍ଥର ପ୍ରୟୋଜନ । ଟଙ୍କା ଅର୍ଥ ନୁହେଁ, ଶିଳ୍ପ ଓ କୃଷିଲବ୍ଧ ବସ୍ତୁ ହିଁ ପ୍ରକୃତ ଅର୍ଥ । ଟଙ୍କା ଅର୍ଥ ବିନିମୟର ଦ୍ୱାରସ୍ୱରୂପ । କେବଳ ଟଙ୍କାଦ୍ୱାରା ମନୁଷ୍ୟ ଜୀବନଧାରଣ କରିପାରିବ ନାହିଁ । ଯେତେବେଳେ ଆମ ଦେଶରେ ଟଙ୍କାର ବ୍ୟବହାର ନଥିଲା, ସେତେବେଳେ କଉଡ଼ି ଟଙ୍କାର କାର୍ଯ୍ୟ କରୁଥିଲା । କଉଡ଼ି ପ୍ରଚୁର ପରିମାଣରେ ନଥିଲା ବେଳେ ପଦାର୍ଥ ଦ୍ୱାରା ପଦାର୍ଥ ବିନିମୟ ହେଉଥିଲା । ଲୋକେ ଧାନ ବଦଳରେ ଲୁଣ, ତେଲ ପାଉଥିଲେ, ଲୁଗାପଟା ପାଉଥିଲେ; ଅର୍ଥାତ୍ ଯେ ଯେଉଁ ପଦାର୍ଥ ପ୍ରସ୍ତୁତ କରୁଥିଲା, ସେ ସେହି ପଦାର୍ଥ ବିନିମୟରେ ଅନ୍ୟାନ୍ୟ ଆବଶ୍ୟକ ପଦାର୍ଥ ଆଣି ଆପଣା ଅଭାବ ପୂରଣ କରୁଥିଲା । ସୁତରାଂ ଟଙ୍କା ନଥାଇ ମଧ୍ୟ କାର୍ଯ୍ୟ ଚଳୁଥିଲା – ତେଣୁ କୁହାଯାଏ, ମୁଦ୍ରା ପ୍ରକୃତ ଅର୍ଥ ନୁହେଁ ।

**ପ୍ରଶ୍ନ :**

(କ) ବିଶ୍ୱବିଦ୍ୟାଳୟରୁ ଆସିଥିବା ଯୁବକ କେଉଁ କାର୍ଯ୍ୟ କରିବାକୁ ଘୃଣା କରେ ?

(ଖ) ଅହଙ୍କାରୀ ଯୁବକଟି କ'ଣ କରିଥାଏ ?

(ଗ) ମୁଦ୍ରା ପ୍ରକୃତ ଅର୍ଥ ନୁହେଁ – କାହିଁକି କୁହାଯାଇଛି ?

(ଘ) ଟଙ୍କାର ବ୍ୟବହାର ପୂର୍ବରୁ ପଦାର୍ଥର କିପରି ବିନିମୟ କାର୍ଯ୍ୟ ହେଉଥିଲା ?

## ୨. କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ [2 Marks]

(କ) ସାରଳା ଦାସଙ୍କୁ କେଉଁ କବି କୁହାଯାଏ ?

(ଖ) ସାରଳା ଦାସଙ୍କ ପୂର୍ବନାମ କ'ଣ ?

(ଗ) ସାରଳା ଦାସଙ୍କ ସମୟରେ ଓଡିଶାର ରାଜା କିଏ ଥିଲେ ?

(ଘ) ଭୀମଙ୍କ ସିଂଘନାଦ ରଡି ମହାଭାରତର କେଉଁ ପର୍ବରୁ ଆସିଅଛି ?

(ଙ) ଦୁର୍ଯ୍ୟୋଧନ କେଉଁ ସରୋବରରେ ଆତ୍ମଗୋପନ କରିଥିଲେ ?

(ଚ) ସିଂଘନାଦ କ'ଣ ?

(ଛ) ସହଦେବ ଜଗନ୍ନାଥଙ୍କୁ କ'ଣ ବୋଇଲେ ?

(ଜ) ସିଂଘନାଦ ଦେବା ପାଇଁ ପାର୍ବତୀ ଶିବଙ୍କୁ କ'ଣ କହିଲେ ?

(ଝ) ପାଣ୍ଡବଙ୍କ ହେତୁ ତ୍ରିଲୋଚନ କିଭଳି ବର୍ତ୍ତିଥିଲେ ?

(ଞ) ସିଂଘନାଦ କିପରି ଗତି କରି ଭୀମଙ୍କ ହସ୍ତକୁ ଆସିଲା ?

(ଟ) ଲକ୍ଷ୍ମୀ କାହିଁକି ଦୁର୍ଯ୍ୟୋଧନଙ୍କୁ ଛାଡି ପଳାଇଲେ ?

(ଠ) ଦୁର୍ଯ୍ୟୋଧନର ଗଦା ଦୁଇଟିର ଓଜନ କେତେ ପରିମାଣର ?

(ଡ) ସପ୍ତ ସାଗରର ନାମ ଲେଖ ?

(ଢ) ନବଦ୍ୱୀପର ନାମ ଲେଖ ?

(ଣ) ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କୁ କିପରି ଅବଜ୍ଞା କଲେ ?

(ତ) ସାରଳାଦାସଙ୍କ ସାହିତ୍ୟକୃତି ଗୁଡିକ କ'ଣ କ'ଣ ?

(ଥ) ସାରଳାଦାସଙ୍କ ପିତୃଦତ୍ତ ନାମ କ'ଣ ଥିଲା ?

(ଦ) 'ଭୀମଙ୍କ ସିଂଘନାଦ ରଡି' କବିତାଟି ମହାଭାରତର କେଉଁ ପର୍ବରୁ ଆସିଅଛି ?

(ଧ) କବିତାଟିରେ ଜଗନ୍ନାଥ ଶବ୍ଦ କାହାପାଇଁ ପ୍ରୟୋଗ କରାଯାଇଅଛି ?

(ନ) 'ପାଣ୍ଡବ ସୁନ୍ଦର' ଶବ୍ଦ କେଉଁ ପାଣ୍ଡବଙ୍କ ପାଇଁ ବ୍ୟବହାର କରାଯାଇଅଛି ?

ODM EDUCATIONAL GROUP Changing your Tomorrow

(ପ) ଶୂଳଧରଙ୍କ ଆସନ କାହିଁକି କମ୍ପିଲା ?

(ଫ) କେତେ ବାର ସିଂଘନାଦ ରଡି ସହିଥିଲେ ଦୁର୍ଯ୍ୟୋଧନ ଅମର ହୋଇଥାନ୍ତା ?

(ବ) ଶ୍ରୀକୃଷ୍ଣଙ୍କୁ କିଏ ସିଂଘନାଦ ମାଗିବା କଥା କହିଥିଲେ ?

(ଭ) କେଉଁଠିକୁ ବଳପୂର୍ବକ ଶତ୍ରୁ ପ୍ରବେଶ କଲେ, ଧ୍ୱଂସ ହୋଇଯିବ ବୋଲି ଶିବ ଅଭିଶାପ ଦେଇଥିଲେ ?

(ମ) କାହାର ଉପଦେଶରେ ଆତ୍ମରକ୍ଷା ପାଇଁ ଦୁର୍ଯ୍ୟୋଧନ ବ୍ୟାସ ସରୋବରରେ ଲୁଚିଥିଲେ ?

(ଯ) କାହାକୁ ଠେଲି ଦେଇ ଦୁର୍ଯ୍ୟୋଧନ 'ଯୁଦ୍ଧଂ ଦେହୀ' ଡାକରା ଦେଇଥିଲେ ?

(ର) 'ପାଣ୍ଡବ ସୁନ୍ଦର' ଭୀମ ଧ୍ୟାନ କରିବାରୁ କାହାର ଆସନ କମ୍ପି ଉଠିଲା ?

**୩. ଯେ କୌଣସି ଗୋଟିଏ ପ୍ରବନ୍ଧ ଲେଖ ।** **[8 Marks]**

(କ) ମହାକାଶ ଅଭିଯାନ

(ଖ) ଛାତ୍ର ଓ ସମାଜ ସେବା

ଗ) ଆଧୁନିକ ସମାଜରେ ପାରିବାରିକ ସଂପର୍କ

**୪. ଯେ କୌଣସି ଗୋଟିଏ ପତ୍ର ଲେଖ ।** **[7 Marks]**

ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ କ୍ଷେତ୍ରରେ ତୁମ ବିଦ୍ୟାଳୟରେ ଗ୍ରହଣ କରାଯାଇଥିବା ପଦକ୍ଷେପର ବିବରଣୀ ପ୍ରସ୍ତୁତ କରି ତା'ର ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ରର ସଂପାଦକଙ୍କୁ ପତ୍ର ଲେଖ ।

କିମ୍ବା

ନାଗରିକର ମୌଳିକ କର୍ତ୍ତବ୍ୟ ସଂପର୍କରେ ଲିଖିତ ତୁମର ଏକ ଲେଖା ସମ୍ବାଦପତ୍ରରେ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ଏହାର ସଂପାଦକଙ୍କୁ ପତ୍ର ଲେଖ ।

**୫. ସପ୍ରସଙ୍ଗ ସରଳାର୍ଥ** **[5 Marks]**

(କ) "ସଂକଟ କାଳେ ତୁମ୍ଭନ୍ତ ଉଦ୍ଧାରନ୍ତି ପୁଣ
ଦିଅସି ସିଂଘନାଦ ପ୍ରସନ୍ନ ବଦନେଣ ।"

ଖ) "କାଳାନଳ ଜାଣି ବିକାଶି ସିଂଘନାଦ ଜ୍ୟୋତି

ଆତିତ୍ୟହୁଂ ଶତେଗୁଣ ତେଜ ବିକଶନ୍ତି ।"

(ଗ) "ନଳିନୀ ପତ୍ରରେ ଯେହ୍ନେ ପଡନ୍ତେଣ ପାଣି

ପୃଥିବୀ ଦଲ ଦଳିତ କମ୍ପଇ ମେଦିନୀ ।"

**୬. ବୌଦ୍ଧିକ ଜ୍ଞାନର ବିକାଶ – (ଦୀର୍ଘଉତ୍ତରମୂଳକ)**

୧. ଲକ୍ଷ୍ମୀ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ନିଜ ଭାଷାରେ ପ୍ରକାଶ କର ?

୨. କେଉଁ ପରିସ୍ଥିତିରେ ଭୀମଙ୍କୁ ସିଂଘନାଦ ଦେବାକୁ ସଦାଶିବ ସମ୍ମତ ହେଲେ ?

**୭. ବ୍ୟାସ ବାକ୍ୟ ସହ ସମାସର ନାମ ଲେଖ ।**

ତ୍ରିଲୋଚନ

କାଳାନଳ

ନବଦ୍ୱୀପ

ସପ୍ତସାଗର

ଭୁଜଦଣ୍ଡ

ଅଜାମ୍ବର

**୮. ପ୍ରତିଶବ୍ଦ ଲେଖ ।**

ଶୂଳଧର

ସଂକଟ

ମର୍ତ୍ତ୍ୟ

ଅନ୍ତରୀକ୍ଷ

ନଳିନୀ

ଯମ

କମଳା

ଭର୍ତ୍ସନା

**୯. ପଠିତ କବିତା ଅବଲମ୍ବନରେ ଶୂନ୍ୟସ୍ଥାନ ପୂରଣ କର ।**

୧. ଈଶ୍ୱରଙ୍କୁ ସିଂଘନାଦ ମାଗନ୍ତୁ _______।

୨. ଆସନ କମ୍ପିଲା ଯେ ଦେବ _______।

୩. ପାର୍ବତୀ ବୋଇଲେ ଭୀମସେନ ଆମ୍ଭ _______।

୪. _______ରୁ କାଢିଦିଲେ ସେ ସିଂଘନାଦ ।

୫. _______ଆସି ପ୍ରବେଶ ହୋଇଲା ବ୍ୟାସ ସରୋବର ତୀରେ ।

୬. _______ମାରି ବାହାସ୍ଫୋଟ ଗର୍ଜିଣ ବେଗେ ଉଠି ।

୭. ବୋଇଲୁ ଯେ ଭୀମର _______ସହିବୁ ।

୮. କଦଳୀ ପତ୍ର ପ୍ରାୟେ_______ ମହାତମୀ ।

ODM EDUCATIONAL GROUP Changing your Tomorrow

## ବ୍ୟାକରଣଗତ ପ୍ରଶ୍ନ

(କ) ଭ୍ରମସଂଶୋଧନ କର ।

ଐକ୍ୟତା, କାର୍ପଣ୍ୟତା, କୃଷ୍ନ, ଅପରାହ୍ନ, ଉଜ୍ଜଳ, ଆବିସ୍କାର, ବିଷର୍ଣ୍ଣ, ସୁସମା, ଗଣେଷ, ଦୂରାବସ୍ତା, ଦିଗାମ୍ବର, ପ୍ରତ୍ୟକ, ବାକ୍‌ଦେବୀ, ଗିରିଶ, ବାକ୍‌ଦେବୀ, ସାହାସ

(ଖ) ନିର୍ଦ୍ଦେଶ ଅନୁସାରେ ବାକ୍ୟ ପରିବର୍ତ୍ତନ କର ।

(i) ସୂର୍ଯ୍ୟ ଉଇଁଲେ ପଦ୍ମ ଫୁଟେ (ଜଟିଳ)

(ii) ଡାକ୍ତରଙ୍କ ବହୁ ଚେଷ୍ଟା ସତ୍ତ୍ୱେ ରୋଗୀଟି ବଞ୍ଚିଲା ନାହିଁ । (ଯୌଗିକ)

(iii) ଯେଉଁ ବ୍ୟକ୍ତି ମିଷ୍ଟଭାଷୀ । ସେ ସମସ୍ତଙ୍କର ପ୍ରିୟ ହୁଏ । (ସରଳ)

(iv) ଝଡ କମିବାରୁ ପିଲାମାନେ ନିଜ ନିଜ ଘରକୁ ଫେରିଲେ । (ଜଟିଳ)

(v) ଯେଉଁ ଛାତ୍ରମାନେ ପରିଶ୍ରମ କରନ୍ତି, ସେମାନେ ପରୀକ୍ଷାରେ କୃତକାର୍ଯ୍ୟ ହୁଅନ୍ତି । (ଯୌଗିକ)

(vi) ସେ ଧନୀ, ମାତ୍ର ସୁଖୀ ନୁହଁନ୍ତି । (ସରଳ)

(vii)ଗୀତା ଓ ସୀତା ଢେଙ୍କାନାଳ ଗଲେ ଓ ଗଜଲକ୍ଷ୍ମୀ ପୂଜା ଦେଖିଲେ । (ସରଳ)

(viii)ଏକନିଷ୍ଠ ଈଶ୍ୱର ପ୍ରାର୍ଥନା ତୁମର ଦୁଃଖ ଦୂର କରିବ । (ଜଟିଳ)

(ix)ପ୍ରତିଭାବାନ୍ ଯଶସ୍ୱୀ ହୁଏ । (ଜଟିଳ)

(x)ଦୁର୍ଯ୍ୟୋଧନ ଅତ୍ୟନ୍ତ ଅଭିମାନୀ ଥିଲା । ତେଣୁ ତାର ପତନ ହେଲା (ସରଳ)

◆◆◆

ODM EDUCATIONAL GROUP
Changing your Tomorrow